କୁନ୍ଦୁରୁ (*କୋକ୍ସିନିଆ ଗ୍ରାଣ୍ଡିସ୍*) କାକୁଡି ପରିବାର ଅନ୍ତର୍ଗତ ଏକ ବହୁବର୍ଷୀୟ ଲତା ଜାତୀୟ ପରିବା ଅଟେ । ଏହା ଘରର ପଛପଟେ କିମ୍ବା ବଗିଚାରେ ଚାଷ କରାଯାଇପାରେ । ଏହାର ଫଳରେ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ଭରପୁର ଥାଏ । କୁନ୍ଦୁରୁରେ କମ୍ କ୍ୟାଲୋରି କିନ୍ତୁ ଭିଟାମିନ୍, ଖଣିଜ ପଦାର୍ଥ ଏବଂ ଫାଇବର୍ ଭରପୂର ଥାଏ। ୧୦୦ ଗ୍ରାମ୍ କୁନ୍ଦୁରୁରେ ପ୍ରାୟ ୧.୪ ଗ୍ରାମ୍ ପ୍ରୋଟିନ୍, ୩.୪ ଗ୍ରାମ୍ କାର୍ବୋହାଇଡ୍ରେଟ୍, ୦.୨ ଗ୍ରାମ ଚର୍ବି ଏବଂ ୧.୬ ଗ୍ରାମ ଫାଇବର ଥାଏ। ଏହା ଭିଟାମିନ୍ ସି ର ଏକ ଭଲ ଉତ୍ସ ଏବଂ ଏଥିରେ କ୍ୟାଲସିୟମ୍, ଲୁହା ଏବଂ ପୋଟାସିୟମ୍ ଭଳି ଖଣିଜ ପଦାର୍ଥ ମଧ୍ୟ ରହିଛି । ଏହାର ଫଳକୁ ତରକାରୀ, ଭଜା ଓ କେତକ କ୍ଷେତ୍ରରେ ଆଚାର ଆକାରରେ ବ୍ୟବହାର କରାଯାଇଥାଏ ।

## ଜଳବାୟୁ

କୁନ୍ଦୁରୁ ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ବଢ଼ିଥାଏ । ସର୍ବୋତ୍ତମ ବୃଦ୍ଧି ପାଇଁ ଏହାକୁ ୨୫-୩୫°C ମଧ୍ୟରେ ତାପମାତ୍ରା ଆବଶ୍ୟକ । ଏହି ଗଛଟି ତୁଷାରପାତ କିମ୍ବା ଅତ୍ୟଧିକ ଥଣ୍ଡା ତାପମାତ୍ରା ସହ୍ୟ କରିପାରେ ନାହିଁ, ଯାହା ଫଳରେ ଏହା  ଅଧିକ ଥଣ୍ଡା ଅଞ୍ଚଳରେ ଚାଷ ପାଇଁ ଅନୁପଯୁକ୍ତ ହୋଇଥାଏ । କୁନ୍ଦୁରୁ ଚାଷ ପାଇଁ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଜରୁରୀ, ଏଥିପାଇଁ ପ୍ରତିଦିନ ୬ ରୁ ୮ ଘଣ୍ଟା ସୂର୍ଯ୍ୟାଲୋକ ଆବଶ୍ୟକ । ଏହା ଜୈବିକ ପଦାର୍ଥରେ ଭରପୂର ଥିବା ଜଳ ନିଷ୍କାସନ ହୋଇଥିବା ମାଟିରେ ଭଲ ବଢ଼ିଥାଏ ।

## ମୃତ୍ତିକା

କୁନ୍ଦୁରୁ କ୍ଷାରୀ ଓ ଅମ୍ଳ ମାଟିରେ ଭଲ ବଢେ ନାହିଁ । କୁନ୍ଦୁରୁ ଅଧିକ ଜୈବିକ ପଦାର୍ଥ ସହିତ ଜଳ ନିଷ୍କାସନ ହୋଇଥିବା ବାଲିଆ ଦୋରସା ମାଟିରେ ଭଲ ବଢ଼ିଥାଏ । କୁନ୍ଦୁରୁ ଗଛ ଚାଷ ପାଇଁ ଆଦର୍ଶ ପି ଏଚ୍ ସ୍ତର ୬-୭ ଅଟେ ବା ନିରପେକ୍ଷ ମାଟି ଦରକାର । କୁନ୍ଦୁରୁ ପାଇଁ ଏକ ଖରାଟିଆ ସ୍ଥାନ ବାଛନ୍ତୁ, କାରଣ ଏହି ଗଛଗୁଡ଼ିକୁ ସୁସ୍ଥ ଭାବରେ ବଢ଼ିବା ଏବଂ ପ୍ରଚୁର ଅମଳ ପାଇଁ ପର୍ଯ୍ୟାପ୍ତ  ସୂର୍ଯ୍ୟ କିରଣ ଆବଶ୍ୟକ । ରୋପଣ କରିବା ପୂର୍ବରୁ, ମାଟିର ପି ଏଚ୍  ସ୍ତର ଏବଂ ପୋଷାକ ତତ୍ତ୍ୱ ଜାଣିବା ପାଇଁ ମାଟି ପରୀକ୍ଷା କରାଇବା ଦରକାର ।

## କିସମ

### ଅର୍କ ନୀଳାଚଳ ସବୁଜ

ଫଳଗୁଡ଼ିକ ଗାଢ଼ ସବୁଜ ଏବଂ ପ୍ରାୟ ଶଙ୍କାକାର ଆକାରର ଏବଂ ଖଣ୍ଡିତ କ୍ରିମି ଷ୍ଟ୍ରାଇପ୍ ସହିତ ସାଧାରଣ ଦେଖାଯାଏ। ଏହାର ଉତ୍ପାଦନ ପ୍ରତି ଗଛ ୩୦-୩୫ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ। ଫଳଗୁଡ଼ିକର ଉତ୍କୃଷ୍ଟ ରନ୍ଧନ ଗୁଣବତ୍ତା ବିଶିଷ୍ଟ ଏବଂ ଅନ୍ୟ ଜାଗାକୁ ପରିବହନ ସମୟରେ ଏହାର ଗୁଣବତ୍ତା ଅକ୍ଷୁର୍ଣ୍ଣ ରହିଥାଏ। ଏହାକୁ ଗରମ ଏବଂ ଆର୍ଦ୍ର କୃଷି-ଜଳବାୟୁରେ ଚାଷ କରାଯାଇପାରିବ ।



### ଅର୍କ ନୀଳାଚଳ କୁଞ୍ଜି

ଏହା ଏକ ସଅଳ  ଫଳ ଦେଉଥିବା ପ୍ରଜାତି, ଯାହା ଲଗାଇବାର ୪୦ ଦିନ ପରେ ଫଳ ଦେବା ଆରମ୍ଭ କରେ। ଏହି ପ୍ରଜାତି ହାଲୁକା ସବୁଜ, ଲମ୍ବା, ପତଳା, ନଳ ଆକାରର ଫଳ ୭.୫-୮.୫ ସେମି ଲମ୍ବ ସହିତ ନରମ ଗଠନ ଏବଂ ଚୋପାରେ ଆକର୍ଷଣୀୟ ପଟା ପଟା ଦାଗ ଥାଏ । ପରାଗ ସଂଗମ  ପାଇଁ ପୁରୁଷ ଗଛ ଲଗାଇବାର କୌଣସି ଆବଶ୍ୟକତା ନାହିଁ । ଏହା ଭଜା ଏବଂ ତରକାରୀ ଭାବରେ ବ୍ୟବହାର କରାଯାଇ ପରେ । ଗୋଟିଏ ଗଛରୁ ଗୋଟିଏ ଋତୁରେ ୩୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଫଳ ଉତ୍ପାଦନ ମିଳିଥାଏ। ଫଳଗୁଡ଼ିକ ଦେଖିବାକୁ ଭଲ ଏବଂ ନରମ ଗଠନ ହୋଇଥିବାରୁ ଗ୍ରାହକଙ୍କ ପସନ୍ଦ ହେତୁ ବଜାର ମୂଲ୍ୟ ଭଲ ମିଳିଥାଏ ।

## ବଂଶ ବିସ୍ତାର

ବୟସ୍କ ଗଛରୁ ଡାଳ ବା କାଣ୍ଡକୁ କାଟି ସିଧା ସଳଖ ମୁଖ୍ୟ ଜମିରେ ଲଗା ଯାଇପାରେ । ଏହାକୁ ନଭେମ୍ବର କିମ୍ବା ଡିସେମ୍ବରରେ ସଂଗ୍ରହ କରାଯାଏ।

## ଜମି ପ୍ରସ୍ତୁତି

ଜମିକୁ ଭଲ ଭାବରେ ୨-୩ ଥର ହଳ କରି ମାଟିକୁ ଭଲ ଭାବେ ଗୁଣ୍ଡ କରନ୍ତୁ ।

## ହୁଡା ବା ବେଡ୍ ପ୍ରସ୍ତୁତି

୪ ଫୁଟ ବ୍ୟବଧାନରେ ୧ ଫୁଟ ଉଚ୍ଚା ୨ ଫୁଟ ଚଉଡାର ଶଯ୍ୟା ବା ବେଡ୍ ତିଆରି କରନ୍ତୁ ।

## ଖତ ଓ ସାର ପ୍ରୟୋଗ:

ଚଉଡା ଶଯ୍ୟାରେ ବା ବେଡ୍‌ରେ ୫ଫୁଟ ବ୍ୟବଧାନରେ ୧ଫୁଟ X ୧ଫୁଟ X ୧ଫୁଟ ବିଶିଷ୍ଟ ଗାତ ଖୋଳି ସେଥିରେ ୧୦-୧୫ କେଜି ସଢା ଗୋବର ଖତ ଓ ୧କେଜି ଘନ ଜୀବାମୃତ ପ୍ରୟୋଗ କରାଯାଏ । ଏଥିରେ ୨୫- ୫୦ ଗ୍ରାମ୍ ମିଶ୍ରିତ ଅଣୁସାର ଦେଲେ ଭଲ । ଏ ସବୁ ନ ମିଳିଲେ ଗୋବର ଖତ ସହ ୧୦୦ ଗ୍ରାମ୍ ଡିଏପି ଓ ୨୦୦ ଗ୍ରାମ୍ ପଟାସ ସାର ବ୍ୟବହାର କରାଯାଇପାରେ ।

**ରୋପଣ ସମୟ:** ଚାରା ରୋପଣର ଉପଯୁକ୍ତ ସମୟ ହେଉଛି ଜୁନ୍-ଅଗଷ୍ଟ ଏବଂ ଅକ୍ଟୋବର-ଡିସେମ୍ବର ।

## ଜଳସେଚନ

**ପ୍ରଥମ ପାଣି ମଡାଇବା:** ଲଗାଇବା ପରେ ତୁରନ୍ତ ପାଣି ଦିଅନ୍ତୁ ।

### ପରବର୍ତ୍ତୀ ସମୟରେ ଜଳସେଚନ

ଶୀତ ଦିନେ ୭-୧୦ ଦିନ ବ୍ୟବଧାନରେ ଓ ଖରା ଦିନେ ୪-୫ ଦିନ ବ୍ୟବଧାନରେ ଜମିର ବତର ବା ଓଲ ଦେଖି ପାଣି ମଡାନ୍ତୁ।

### ବୁନ୍ଦା  ଜଳସେଚନ

ଉଚ୍ଚା ଶଯ୍ୟା ବିଶିଷ୍ଟ ଜମିରେ ବୁନ୍ଦା ଜଳସେଚନ କରିବା ଭଲ।



## ଗଛ ଲଗାଇବା ପରବର୍ତ୍ତୀ ଖତ ସାର ପ୍ରୟୋଗ

ଗଛ ଲଗାଇବାର ୩୦ ଦିନ ପରେ ଗଛ ପ୍ରତି ୧ ଲିଟର ଜୀବାମୃତ ମାଟିରେ ପ୍ରୟୋଗ କରାଯାଏ। ଏହା ପରେ ପ୍ରତ୍ୟେକ ୨୧ ଦିନ ବ୍ୟବଧାନରେ ପୁନଃ ପୁନଃ ପ୍ରୟୋଗ କରାଯାଇପାରେ ।

ଯଦି ମାଟିରେ ଅଣୁସାର ଶେଷ ଓଡ ଚାଷ ସମୟରେ ଦିଆ ଯାଇନଥାଏ ଓ ଅଣୁ ସାରର ଅଭାବ ଦେଖାଯାଏ, ତେବେ ୭୫-୧୦୦ ଗ୍ରାମ୍ ମଲ୍ଟିପ୍ଲେକସ୍ ବା କାଲ୍‌ବୋର୍ ୧୫ ଲିଟର ପାଣିରେ ମିଶାଇ ଗଛରେ ସନ୍ଧ୍ୟା ସମୟରେ ଜମିରେ ବତର ଥିବା ବେଳେ ଗଛରେ  ପ୍ରୟୋଗ କରାଯାଇଥାଏ ।

## ଘାସ ଲତା ଓ ବାଳୁଙ୍ଗା ନିୟନ୍ତ୍ରଣ ଓ ପରିଚାଳନା

ବର୍ଷା ଦିନେ ଧାଡି ମଧ୍ୟରେ ହାତରେ ବା ୱୀଡର ଚଳାଇ ବଛାବଛି କରାଯାଇପାରେ। କିନ୍ତୁ ଦୁଇଟି  ଗଛ ମଧ୍ୟରେ ଘାସ ଲତାକୁ ହାତରେ ବଛା ଯାଇଥାଏ ।

ଏହା ବ୍ୟତୀତ ବେଡ୍ ଉପରେ ଜରି ମଡାଇ (ମଲଚିଙ୍ଗ୍) ଘାସ ଲତା ଦମନ କରାଯାଇପାରେ ।

ଅନ୍ୟଥା ନଡ଼ା, ଶୁଖିଲା ତାଳ ପତ୍ର ବା ଶୁଖିଲା କଦଳୀ ପତ୍ର ବେଡ ଉପରେ ଘୋଡାଇ ଘାସ ଲତା ଦମନ କରାଯାଇପାରେ ।

## ଗଛ କାଟିବା

ଶୀତ ଦିନେ (ଅକ୍ଟୋବର-ଡିସେମ୍ବର) ଫଳ ସରିଲା ପରେ ଓ ଡଙ୍କ ଶୁଖିବାକୁ ଆରମ୍ଭହେଲେ, ଗଛର ମୂଳକୁ ମାଟି ଠାରୁ ୨-୫ ଇଞ୍ଚ ରଖି କାଟି ଦେଇ  ଜମିରୁ ବାହାର କରାଯାଇଥାଏ । ଏହି କଟା ଡଙ୍କକୁ ଚାରା ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇପାରେ । କଟା ଯାଇଥିବା ମୂଳରୁ ନୂଆ ଶାଖା ଓ ଡଙ୍କ ବାହାରିବାକୁ ଆରମ୍ଭ କରେ । ଡଙ୍କ ଗୁଡିକ ୧.୫-୨ ଫୁଟ ହୋଇଗଲେ ମାଟି କୋଡଖୁସା କରି ଆଗରୁ ବର୍ଣନା କରାଯାଇଥିବା ଅନୁସାରେ ଖତ ସାର ପ୍ରୟୋଗ କରିବା ଉଚିତ।

## ରୋଗ ଓ ପୋକ ପରିଚାଳନା

### ଝାଉଁଳା ରୋଗ

ଏହି ରୋଗ ହେଲେ ଗଛଟି ହଠାତ ଝାଉଁଳି ଯାଏ ଓ ପରେ ପରେ ପତ୍ରଗୁଡ଼ିକ ହଳଦିଆ ପଡିଯାଏ।  ଗଛ ମୂଳରେ ପାଣି ଜମିଲେ ଓ ପାଣି ନିଷ୍କାସନ ନ ହେଲେ ଏହି ରୋଗ ହୋଇଥାଏ। ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ମୂଳରେ  ପ୍ରୟୋଗ  ଦ୍ୱାରା ଏଥିରୁ ଉପସମ ମିଳିଥାଏ।

ଅନ୍ୟଥା ବାଭିଷ୍ଟିନ୍ ୧.୫ଗ୍ରାମ୍/ ୧ ଲିଟର ପାଣି , କାପଟାନ୍ ୨ଗ୍ରାମ୍/ ୧ ଲିଟର ପାଣି ଆଦି ହିସାବରେ ସିଂଚନ କଲେ ସୁଫଳ ମିଳିଥାଏ ।

### ପତ୍ରପୋଡା ରୋଗ





ଗଛର ପତ୍ରରେ ଛୋଟ ଛୋଟ ଦାଗ ଦେଖାଯାଏ ଯାହା ପରେ ପରେ ବଡ ବଡ ହୋଇ ବାଦାମି ଓ କଳା ରଙ୍ଗରେ ପରିବର୍ତନ ହୋଇଥାନ୍ତି । ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ମୂଳରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ। ଡିଥେନ୍ ଏମ୍ ୪୫ ୨ଗ୍ରାମ୍/୧ ଲିଟର ପାଣି ହିସାବରେ ପ୍ରୟୋଗ କଲେ ସୁଫଳ ମିଳିଥାଏ।

**ପାଉଡରି ମିଲଡିଉ**-ପତ୍ରରେ ଧଳା ଧଳା ଗୁଣ୍ଡ ଗୋଲାକାର ଆକୃତିର ଦେଖାଯାଏ ଓ ପତ୍ରଟି କ୍ରମେ କ୍ରମେ ବାଦାମି ରଙ୍ଗ ହୋଇ ଶୁଖିଯାଏ ଓ ମରିଯାଏ ।



ରିଡୋମିଲ୍ ୨.୫ ମିଲି/ ଲିଟର ପାଣି ହିସାବରେ ପ୍ରୟୋଗ କଲେ ଏହା ନିୟନ୍ତ୍ରଣ ହୋଇଥାଏ ।

**ମୋଜାଇକ ବା ସାହେବୀ ରୋଗ**- ପତ୍ରରେ ସବୁଜ ଓ ହଳଦିଆ ଦାଗ କ୍ରମାନ୍ୱୟରେ ଦେଖାଯାଇଥାଏ । ଏହି ରୋଗ ହେଲେ ଖାଦ୍ୟ ତିଆରି ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ଅମଳ କମି ଯାଇଥାଏ । ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ଏହା ବ୍ୟତିତ ମାଲାଥିୟନ୍ ୨ମିଲି/୧ଲିଟର ପାଣି ବା ଇମିଡାକ୍ଲୋପ୍ରିଡ୍ ୪ମିଲି/୧୦ ଲିଟର ପାଣି ହିସାବରେ ମିଶାଇ ଗଛରେ ସିଞ୍ଚନ କରାଯାଇପାରେ ।



**ଲାଲ କଖାରୁ ପୋକ**- ବୟସ୍କ କୀଟ ପତ୍ରକୁ ଗୋଲାକାରରେ କାଟି ଖାଇଥାଆନ୍ତି। ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ସେଭିନ୍ ବା କାର୍ବାରିଲ୍ ୩ଗ୍ରାମ୍/୧ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ ।



**ଗଣ୍ଠି ବିନ୍ଧା ପୋକ**- ଏହି ପୋକଟି ଡାଳ କଣା କରି ପଶି ଗଣ୍ଠି ଆଡକୁ ଆଗେଇଥାଏ। କଣା ହୋଇଥିବା ଜାଗାରେ ଅଠାଳିଆ ପଦାର୍ଥ ସବୁ ଜମା ହୋଇଥାଏ। ଛୋଟ ଅବସ୍ଥାରେ ଗଛଗୁଡିକ ମରିଯାଇଥାନ୍ତି। କିନ୍ତୁ ବୟସ୍କ ଗଛ ନ ମରିଲେ ମଧ୍ୟ ଫସଲର ଅମଳ କମି ଯାଇଥାଏ। ଫେନଭାଲେରେଟ୍ କୀଟନାଶକ ୨ମିଲି/୧ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରାଯାଇଥାଏ । ଧୂଆଁପତ୍ର ପାଣି ସିଂଚନ ମଧ୍ୟ କରାଯାଇଥାଏ ।



**ଫଳ ମାଛି**- ଏହି ମାଛିର ଶୂକ ଫଳକୁ ଖାଇ ନଷ୍ଟ କରିଦିଏ । ଏହା ଏକ ମାରାତ୍ମକ ପୋକ ଅଟେ । ଏକର ପ୍ରତି ୪-୫ଟି ଫେରୋମନ୍ ଯନ୍ତା ବସାଇବା ଦରକାର । ୨ମିଲି ମାଲାଥିୟନ୍ , ୧୦ଗ୍ରାମ୍ ଗୁଡ ଓ ୧ଲିଟର ପାଣି ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରି ଏଥିରୁ କିଛି ମାତ୍ରା ଚଟକା ପାତ୍ରରେ ଜମି ମଧ୍ୟରେ ରଖିଲେ ମାଛିଗୁଡିକ ଆକର୍ଷିତ ହୋଇ ଏହାକୁ ଖାଇ ମରି ଯାଇଥାନ୍ତି ।



**ଲାଲ ବୁଢିଆଣୀ ମାଇଟ**- ଏମାନେ ପତ୍ର ଓ ଡାଳରେ ଜାଲ ତିଆରି କରିଥାନ୍ତି ଓ ପତ୍ରର ତଳ ପଟେ ରହି ରସ ଶୋଷୀ ଖାଇଥାନ୍ତି। ଫଳରେ ପତ୍ରଟି ମୋଟା ହୋଇ ମରି ଯାଇଥାଏ । ନିମ୍ବ ତେଲ ୫ମିଲି / ୧ଲିଟର





ପାଣିରେ ମିଶାଇ ପ୍ରୟୋଗ କରାଯାଇପାରେ । ଡାଇକୋଫଲ୍ ୨- ୩ ମିଲି/ ୧ ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ ।

**ଚେର ଗଣ୍ଠି ନେମାଟୋଡ୍**- ଏହି ସୂତ୍ରଜୀବ ବା ନେମାଟୋଡ୍ ଆକ୍ରମଣ କଲେ, ଚେରରେ ଗଣ୍ଠି ସବୁ ସୃଷ୍ଟି ହୋଇଥାଏ। ଗଛର ବୃଦ୍ଧି କମ୍ ହୋଇଥାଏ। ଗଛର ପତ୍ର ଛୋଟ ଓ ହଳଦିଆ ହୋଇଥାଏ। ଡଙ୍କଗୁଡିକ ଶୁଖି ଯାଇଥାନ୍ତି । ଗଛ ଲଗାଇବା ବେଳେ ଗାତ ପ୍ରତି ୫୦୦ ଗ୍ରାମ୍ ନିମ୍ବ ପିଡିଆ ଦେଲେ, ଏହାର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏହା ବ୍ୟତୀତ ଗାତ ପ୍ରତି ଫୁରାଡୋନ୍ ବ କାର୍ବୋଫୁରାନ୍ ଦାନା ୫୦-୧୦୦ ଗ୍ରାମ୍ ଦେଇ ଗଛ ଲଗାଇଲେ ନେମାଟୋଡ୍ ଆକ୍ରମଣ କମ୍ ହୋଇଥାଏ ।



**ଅମଳ**- ଫଳଗୁଡ଼ିକ ତୋଳିବା ପୂର୍ବରୁ ପାକଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏହା ସର୍ବୋତ୍ତମ ସ୍ୱାଦ ଏବଂ ଗୁଣବତ୍ତା ସୁନିଶ୍ଚିତ କରେ। ଲତା କିମ୍ବା ଫଳକୁ କ୍ଷତି ନ ପହଞ୍ଚାଇବା ପାଇଁ କୁନ୍ଦୁରୁ ଅମଳ ସାବଧାନତାର ସହ କରାଯିବା ଉଚିତ । ଲତାକୁ କ୍ଷତି ନକରି କାଟିବା ପାଇଁ ତୀକ୍ଷ୍ଣ କଇଁଚି କିମ୍ବା ଛୁରୀ ବ୍ୟବହାର କରାଯାଇପାରିବ। ଅମଳ ସମୟରେ ପ୍ରତ୍ୟେକ ଫଳକୁ ଯାଞ୍ଚ କରନ୍ତୁ, କ୍ଷତ କିମ୍ବା ପଚିବାର ଲକ୍ଷଣ ଦେଖାଉଥିବା ଯେକୌଣସି ଫଳକୁ ବାଦ ଦିଅନ୍ତୁ ।

ଲଗାତର ଉତ୍ପାଦନକୁ ଉତ୍ସାହିତ କରିବା ପାଇଁ, ବଢୁଥିବା ଋତୁରେ ନିୟମିତ ଭାବରେ ପାକଳ ଫଳ ତୋଳନ୍ତୁ। ଏହା କରିବା ଦ୍ୱାରା କେବଳ ଅମଳ ବୃଦ୍ଧି ହୁଏ ନାହିଁ ବରଂ ଗଛରେ ନୂତନ ବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରେ । ସେମାନଙ୍କର ଗୁଣବତ୍ତା ବଜାୟ ରଖିବା ପାଇଁ, କୁନ୍ଦୁରୁକୁ ଭଲ ବାୟୁଚଳନ ସହିତ ଏକ ଥଣ୍ଡା, ଅନ୍ଧାର ସ୍ଥାନରେ ସଂରକ୍ଷଣ କରନ୍ତୁ।

## କୁନ୍ଦୁରୁ ଅମଳ ବୃଦ୍ଧି ପାଇଁ କିଛି ସୂଚନା

ଉପଯୁକ୍ତ ବାୟୁ ସଞ୍ଚାଳନ ଏବଂ ସୂର୍ଯ୍ୟାଲୋକ ସଂସ୍ପର୍ଶ ପାଇଁ ଗଛଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ବ୍ୟବଧାନ ସୁନିଶ୍ଚିତ କରନ୍ତୁ। ଏହା ସୁସ୍ଥ ବୃଦ୍ଧି ସହ ଅଧିକ ଅମଳକୁ ପ୍ରୋତ୍ସାହିତ କରିବ ।

ଟ୍ରେଲିରେ ଗଛ ଗୁଡିକୁ ମଡାନ୍ତୁ। ମାଟିରେ ମଡାନ୍ତୁ ନାହିଁ । ଅଣୁ ସାରର ପ୍ରୟୋଗ କରନ୍ତୁ ।

ଜମିରେ ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ ।

ବର୍ଷା ଦିନେ ପାଣିର ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

ଜରି ବା ଶୁଖିଲା ଘାସ କୁଟା ଦ୍ୱାରା ମଲଚିଙ୍ଗ ବା ଆଚ୍ଛାଦନ କରନ୍ତୁ । ପରାଗ ସଂଗମ ପାଇଁ କିଭଳି ଅଧିକ ମହୁମାଛି, ଭଅଁର ସବୁ ଆସିପାରିବେ, ତାହାର ବ୍ୟବସ୍ଥା କରିବା ଉଚିତ ।

ସମନ୍ୱିତ କୀଟପତଙ୍ଗ ପରିଚାଳନା କୌଶଳ ପ୍ରୟୋଗ କରି ନିୟମିତ ଭାବରେ କୀଟପତଙ୍ଗ ନିରୀକ୍ଷଣ ଏବଂ ପରିଚାଳନା କରନ୍ତୁ ।

# ଉନ୍ନତ ପ୍ରଣାଳୀରେ କୁନ୍ଦୁରୁ ଚାଷ







ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୬୫୦୦୧
ଫୋନ୍ ନଂ.- ୦୬୮୫୬-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in